# Akashvani, Sambalpur

# SAMBALPURI NEWS MORNING BULLETIN

# 5 July 2026 - 6.47- 6.52 am.

---

ଏସ୍‌ଆଇଆର୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ -୨୦୨୬ ର ଚିଠା ଭୋଟର୍ ତାଲିକା ଆଏଜ୍ ବାହାର୍‌ବା । ଇ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଦିନର୍ ୧୨ ବଜେ ଭୁବ୍‌ନେଶ୍ୱର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦେବେ । ସେଆଡ଼େ ଏସ୍‌ଆଇଆର୍ ଲାଗି ନିଯୁକ୍ତ ହେଇଥିବା ୧୦ ଝନ୍ ଭୋଟର୍ ତାଲିକା ପର୍ଯ୍ୟବେକ୍ଷକଙ୍କର୍ ସହେତେ ମୁଖ୍ୟନିର୍ବାଚନ୍ ଅଧିକାରୀଙ୍କର୍ ଗୁଟେ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ପରିଗଣନା ଫର୍ମ ବାଂଟ୍‌ବାର୍ ଆଉ ଠୁଲାବାର୍, ଡିଜିଟାଇଜେସନ୍ ଆଉ ଆଏଜ୍ ବାହାର୍‌ବାର୍‌କେ ଥିବା ଚିଠା ଭୋଟର୍ ତାଲିକା ବାବ୍‌ଦେ ସମୀକ୍ଷା କରାଯାଇଥିଲା ।

ସଂସଦ୍ ମୌସୁମୀ ଅଧିବେଶନ       ଏନ୍‌ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏବା ୨୦ ତାରିଖ୍ ମୁଲ୍ ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସର୍‌କାର୍‌ଙ୍କର୍ ଇ ବାବଦ୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରିଛନ୍ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ । ଆଏବା ମାସ ୧୩ ତାରିଖ୍‌ତକ୍ ଇ ଅଧିବେଶନ୍ ଚାଲ୍‌ବା । ଅଧିବେଶନ୍ ସମିଆଥି ଭିନ୍ ଭିନ୍ ଜରୁରୀ ପ୍ରସଙ୍ଗ ଆଉ ବିଲ୍ ଉପ୍‌ରେ ଆଲୋଚନା ହେଇକରି ନିଷ୍ପତି ନିଆଯିବା ବଲି ଶ୍ରୀ ରିଜିଜୁ କହିଛନ୍ ।

ପଂଚଶଖା ଶିକ୍ଷା ସେତୁ ସଂଗଠନ         ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚଶଖା ଶିକ୍ଷା ସେତୁ ସଂଗଠନ୍‌ର ୪ ନମ୍ବର୍ କାର୍ଯ୍ୟନିର୍ବାହୀ ପରିଷଦ୍ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ୨୩ ଟା ଜିଲ୍ଲାର୍ ଭିନ୍ ଭିନ୍ ସ୍କୁଲ୍ ନ ଭିତିଭୂମିର୍ ବିକାଶ୍ ଲାଗି ୭ କୋଟି ୨୯ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ପାଖାପାଖି ସାଢ଼େ

୪ ହଜାର୍‌ନୁ ଅଏତ୍‌କା ଆଘର୍ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଆଉ ଅନୁଷ୍ଠାନ୍ ସ୍କୁଲ୍‌ର ଉନ୍ନତି ଲାଗି ଇ ଟଙ୍କା ଦେଇଛନ୍ ।

ପୁରୀ - କୋରାପୁଟ୍ - ଟ୍ରେନ୍ ଶୁଭାରମ୍ଭ   ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ - କୋରାପୁଟ୍ ଭିତ୍‌ରେ ହପ୍ତାକ ୩ ଦିନ୍ ଚାଲ୍‌ବାର୍‌କେ ଥିବା ନୂଆଁ ଏକ୍ସପ୍ରେସ୍ ଟ୍ରେନ୍ ଆଏବାକାଏଲ୍‌ଠାନୁ ମୁଲ୍ ହେବା । ପଶ୍ଚିମ ଓଡ଼ିଶାର୍ ପ୍ରମୁଖ ସହର୍ ଦେଇକରି ଚାଲ୍‌ବାର୍‌କେ ଥିବା ଇ ଏକ୍ସପ୍ରେସ୍‌କେ ଆଏବା କାଏଲ୍ ସଖାଲେ ପୁରୀ ରେଲ୍‌ଷ୍ଟେସନ୍ ନ ରେଲମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଶୁଭାରମ୍ଭ କର୍‌ବେ । ଇ ଟ୍ରେନ୍ ଲାଗି ଖାସ୍ କରି ବର୍‌ଗଡ଼୍ ସହେତେ ପଶ୍ଚିମ୍ ଓଡ଼ିଶାର୍ ଯାତ୍ରୀମାନେ ଶ୍ରୀକ୍ଷେତ୍ର ପୁରୀ ଆଉ ଶାବର ଶ୍ରୀକ୍ଷେତ୍ର କୋରାପୁଟ୍‌କେ ସିଧାସଲଖ୍ ରେଲ୍‌ସଂଯୋଗ୍ ପାଏବେ । ହପ୍ତାର୍ ମଙ୍ଗଲ୍‌ବାର୍, ଶୁକ୍ରବାର୍ ଆଉ ରଏବାର୍ ୩ ଦିନ୍ ଇ ଟ୍ରେନ୍ ଚାଲ୍‌ବା ।

ଡାକ୍ତର୍ ଆନ୍ଦୋଲନ୍ ସ୍ଥଗିତ୍           ହି.ସ.

ରାଏଜେ ଚାଲିଥିବା ଡାକ୍ତର୍‌ମାନ୍‌କର୍ ଆନ୍ଦୋଲନ୍ ସ୍ଥଗିତ୍ ରହିଛେ । ଭୁବ୍‌ନେଶ୍ୱର୍ ରାଜ୍ୟ ସଚିବାଲୟ ନ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ଡାକ୍ତର୍ ପ୍ରତିନିଧିମଣ୍ଡଲୀଙ୍କର୍ ଭିତ୍‌ରେ ଆଲୋଚନା ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ଅନ୍ଦୋଲନ୍ କରୁଥିବା ଡାକ୍ତର୍‌ମାନେ ଗଲାକାଏଲ୍‌ନୁ କାମ୍‌ଥି ଯୋଗ୍ ଦେଇଛନ୍ । ଓମ୍‌ସା ର ୧୦ ଦଫା ଦାବିକେ ନେଇକରି ବୈଠକ୍‌ଥି ବିସ୍ତୃତ୍ ଆଲୋଚନା ହେଇଛେ । ଦାବି ବାବ୍‌ଦେ ଅଏତ୍‌କା ବିଚାର୍ ଲାଗି ଅର୍ଥ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ହେଇଛେ । ଆଏବା ୨୨ ତାରିଖ୍ କମିଟିର୍ ପହେଲା ବୈଠକ୍ ବସ୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ପଦ୍ମ ପୁରସ୍କାର୍- ମୁଖ୍ୟମନ୍ତ୍ରୀ ନିଉତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୬ ତାରିଖ୍ ହେବାର୍‌କେ ଥିବା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାଥି ଯୋଗ୍ ଦେବାର୍ ଲାଗି ରାଜ୍ୟର୍ ସବୁ ପଦ୍ମ ପୁରସ୍କାର୍ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଉତା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସବୁ ପଦ୍ମ ପୁରସ୍କାର୍ ବିଜେତା ମାନ୍‌କୁ ଇ ମହାନ୍ ପର୍ବଥି ସାମିଲ୍ ହେବାର୍‌କେ ବ୍ୟକ୍ତିଗତ୍ ଭାବେ ନିମନ୍ତ୍ରଣ୍ ଦେଇଛନ୍ ।

ଶ୍ରୀମନ୍ଦିର୍ ଗର୍ଭଗୃହ ବୈଷୟିକ୍ ଯାଂଚପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଗର୍ଭଗୃହ ବୈଷୟିକ୍ ଯାଂଚ୍ ଆଏବା ୧୮ ତାରିଖ୍ ହେବା । ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ଗଲାକାଏଲ୍ ହେଇଥିବା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ମନ୍ଦିର୍ ନ ସଫାସୁତ୍‌ରା କାମ୍ ସହେତେ ନାଟମଣ୍ଡପ୍ ଆଉ ଭୋଗମଣ୍ଡପ୍‌ର ଯାଂଚ୍ ଆଉ ମରାମତି ଉପ୍‌ରେ ଇ ଅବ୍‌ସରେ ଜୋର୍ ଦିଆଯିବା । ଯାଂଚ୍ ଉତ୍‌ରୁ ଗୁଟେ ବୈଠକ୍ ହେଇକରି କମିଟିର୍ ପରାମର୍ଶ ଆଧାର୍‌ଥି ପଦକ୍ଷେପ୍ ନିଆଯିବା ବଲି ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା - ଓଟିଇଟି -୨୦୨୬ ଆଏଜ୍ ହେବା । ସଖାଲର୍ ୯ ବଜୁ ମଏଧାନର୍ ସାଢ଼େ ୧୧ ବଜେତକ୍ ପହେଲା ପେପର୍ ଆଉ ଦୁଇପହରର୍ ୨ ବଜୁ ଉପର୍ବେଲା ସାଢ଼େ ୪ ବଜେତକ୍ ୨ ନମ୍ବର୍ ପେପର୍ର ପରୀକ୍ଷା ହେବା ବଲି ବୋର୍ଡ଼ ତର୍ଫୁ ସୂଚ୍ନା ଦିଆଯାଇଛେ । ରାଜ୍ୟର୍ ୩୦ ଟା ଜିଲ୍ଲାର୍ ୩ ଶହ ୧୧ ଟା ପରୀକ୍ଷା କେନ୍ଦ୍ର ନ ୯୭ ହଜାର୍ ଶହେ ୫୦ ଝନ୍ ପରୀକ୍ଷାର୍ଥୀ ଇ ପରୀକ୍ଷା ଦେବେ ।

ଉପମୁଖ୍ୟମନ୍ତ୍ରୀ- ଦେବ୍ଗଡ଼୍ ଦେବ୍ଗଡ଼୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେବ୍ଗଡ଼୍ ଜିଲ୍ଲା ଗସ୍ତଥି ଆସିକରି ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍ ପ୍ରେକ୍ଷାଳୟ ନ ହେଇଥିବା ଆଂଚଳିକ୍ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ତାର୍ ଉତ୍ରୁ ଜିଲ୍ଲାପାଳ୍ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ସମୀକ୍ଷା ବୈଠକ୍ଥି ସର୍କାରୀ

ଯୋଜ୍ନା ମାନ୍‌କର୍ କାର୍ଯ୍ୟକାରିତା ଆଉ ବିକାଶ୍ ପ୍ରକଳ୍ପର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରିଥିଲେ ।

ବର୍‌ଗଡ଼୍-ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍ ତର୍‌ଫୁ ବର୍‌ଗଡ଼୍ ଜିଲ୍ଲା ପଦମ୍‌ପୁର୍ ଠାନେ ଗୁଟେ ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନା ଲାଗି ଆନୁଷ୍ଠାନିକ୍ ଭାବେ କାର୍ଯ୍ୟାଳୟ ଆଦେଶ୍ ବାହାରିଛେ । ୨୦୨୬-୨୭ ଶିକ୍ଷା ବଛର୍‌ନୁ ଇ ବିଦ୍ୟାଳୟ ନ ପାଠ୍‌ପଢ଼ା ମୁଲ୍ ହେବା । ସଂଗଠନ୍‌ର ମୁଖ୍ୟାଳୟ ତର୍‌ଫୁ ଜାରି ହେଇଥିବା ସୂଚ୍‌ନା ଅନ୍‌ସାରେ ୨୦୨୫ ଅକ୍ଟୋବର୍ ମାସେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମଞ୍ଜୁର୍ ହେଇଥିବା ୫୭ ଟା ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍‌ରେ ପଦମ୍‌ପୁର୍ ସାମିଲ୍ ଥିଲା ।

ବର୍ଷା -ଟୋଲ୍‌ଫ୍ରି ନମ୍ବର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର୍ ନ ଜାରି ରହିଥିବା ବର୍ଷା ଜନିତ୍ ସମସ୍ୟା ଲାଗି ଗଲାକାଏଲ୍ ପ୍ରଶାସନ୍ ତର୍‌ଫୁ ଜରୁରୀକାଲୀନ୍ ସହାୟତା ନମ୍ବର୍

ଜାରି କରାଯାଇଛେ । ଇ ନମ୍ବର୍ ବର୍ଷାସମିଆଥି ୨୪ ଘଂଟିଆ କାମ୍ କର୍‌ବା । ମହାନଗର୍ ନିଗମ୍ ଅଧୀନ୍‌ଥି କେନ୍‌ସି ଇଲାକା ନ ବର୍ଷା ଲାଗି ହେଉଥିବା ସମସ୍ୟା ଦେଖାଦେଲେ ତୁରତି ଟୋଲ୍‌ଫ୍ରି ନମ୍ବର୍ ୧୮୩-୪୫୬-୭୯୧ ନମ୍ବର୍‌ଥି ଯୋଗାଯୋଗ୍ କର୍‌ବାର୍‌କେ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଇତାକେ ଲାଗିକରି ଥିବା ଉତର୍ ଓଡ଼ିଶା - ପଶ୍ଚିମବଙ୍ଗ ସମୁଦ୍ର ଖଁଡ଼ି ନ ସକ୍ରିୟ ଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ନୂଆପଡ଼ା ଆର୍ ବର୍‌ଗଡ଼୍ ଜିଲ୍ଲା ନ ପ୍ରବଲ୍ ନୁ ଅତି ପ୍ରବଲ୍ ବର୍ଷା ହେଇପାରେ । ଇତାର୍‌ସହେତେ ପଶ୍ଚିମ ଓଡ଼ିଶାର୍ ସବୁ ଜିଲ୍ଲା ମାନ୍‌କେ ଭିଲ୍ ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।